**The Sambad, Date- 14.11.07**

# ‘ଏନ୍‌ଆରଇଜିଏସ୍ ଖର୍ଚ୍ଚ ହେଉନି; ବନ୍ୟାର ସ୍ଥାୟୀ ପ୍ରତିକାରରେ ଲାଗୁ’

## ଘରଭଙ୍ଗା ଟଙ୍କା ଏ ପର୍ଯ୍ୟନ୍ତ ମିଳି ନାହିଁ: ଅରୁଣ
## ମିଳିଥିବା ରିଲିଫ୍ ସମୁଦ୍ରକୁ ଶଙ୍ଖେ: ଗିରୀଶ

ବାଲେଶ୍ୱର, ୧୩।୧୧ (ଇମିସ): ଚଳିତ ବର୍ଷ ସୁବର୍ଣ୍ଣରେଖା, ଜଳକା ଓ ବୁଢ଼ାବଳଙ୍ଗ ନଦୀରେ ୪ ଥର ଭୟଙ୍କର ବନ୍ୟା ଆସି ବାଲେଶ୍ୱର ଜିଲ୍ଲାର ଲକ୍ଷ ଲକ୍ଷ ପରିବାରଙ୍କୁ ତଳିତଳାନ୍ତ କରିଦେଇଛି। ସରକାରୀ ରିଲିଫ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ ଦୁର୍ଦ୍ଦଶା ମୋଚନ କରିପାରିନି। ପ୍ରତି ବର୍ଷ ବନ୍ୟାରେ ହନ୍ତସନ୍ତ ହେଉଥିବା ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସୁରକ୍ଷା ଦେବାକୁ ହେଲେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସମସ୍ତେ ସଂକଳ୍ପ ନେବାର ସମୟ ଆସିଛି ବୋଲି ଜିଲ୍ଲାର ବହୁ ସଚେତନ ନାଗରିକ ମତ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆସିଥିବା ଅର୍ଥର ମାତ୍ର ୧୦ ପ୍ରତିଶତ ବ୍ୟୟ ହୋଇଥିବାରୁ ଏଣିକି ଏହି ଅର୍ଥ ବ୍ୟୟରେ ପୁନରୁଦ୍ଧାର ଓ ପ୍ରତିକାର କାର୍ଯ୍ୟ ହାତକୁ ନିଆଯାଇପାରିବ ବୋଲି ମଧ୍ୟ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ‘ଉନ୍ନୟନ’ ଓ ‘ଅକ୍ସଫାମ’ ପକ୍ଷରୁ ଆଜି ଅନୁଷ୍ଠିତ ହୋଇଥିବା ବନ୍ୟା ସହାୟତା କାର୍ଯ୍ୟକ୍ରମର ସମୀକ୍ଷା ଓ ଭବିଷ୍ୟତ ଯୋଜନା ସଂପର୍କିତ ଏକ କର୍ମଶାଳାରେ ମତ ପ୍ରକାଶ ପାଇଛି। ‘ଉନ୍ନୟନ’ର ସଭାପତି ସୁଦର୍ଶନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ଅଲେଖଚନ୍ଦ୍ର ପଢ଼ିଆରୀ ଉଦ୍‌ଘାଟନ କରିଥିଲେ। ସଦର ବିଧାୟକ ଅରୁଣ ଦେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗତ ଅକ୍ଟୋବର ୨୩ ତାରିଖ ସୁଦ୍ଧା ଜିଲ୍ଲା ପ୍ରଶାସନ ଘରଭଙ୍ଗା ସହାୟତା ଟଙ୍କା ଯୋଗାଇଦେବେ ବୋଲି କହିଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ଯୋଗାଇଦିଆଯାଇପାରିନି। ବନ୍ୟା ବିପନ୍ନ • ପୃଷ୍ଠା-୫ ଦେଖନ୍ତୁ

**Continued..............**

**ଏନ୍‌ଆର୍‌ଇଜିଏସ୍....** ଚାଷୀଙ୍କୁ ବିଭିନ୍ନ ରବି ଫସଲର ବିହନ, ମଞ୍ଜି ଯୋଗାଣ ସହ ପୁଣି ଅଣ୍ଟା ସଳଖି ଠିଆ ହେବା ପାଇଁ ଚାଷୀଙ୍କ ମଧ୍ୟରେ ସଚେତନତା ଶିବିର କରାଯିବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ଗିରୀଶ ଦାସ ତାଙ୍କ ବକ୍ତବ୍ୟରେ ବନ୍ୟାରେ ଯୋଗାଇଦିଆଯାଇଥିବା ରିଲିଫ ମୁଦ୍ରକୁ ଶଂଖେ ବୋଲି ସ୍ୱୀକାର କରିବା ସହ ବନ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ୩ ହଜାର କୋଟି ଟଙ୍କାର ଏକ ପ୍ରକଳ୍ପର ଆବଶ୍ୟକତା ରହିଛି ବୋଲି କହିଥିଲେ। ଚାଷୀମାନଙ୍କୁ ମଞ୍ଜି, ଧାନବିହନ, ବାଦାମ ମଞ୍ଜି ଯୋଗାଇଦେଲେ ତାଙ୍କ ପରିସ୍ଥିତିର ସୁଧାର ଆସିପାରିବ ବୋଲି ସେ କହିଥିଲେ। ‘ଉନ୍ନୟନ’ର ନିର୍ଦ୍ଦେଶକ ଭାନୁପ୍ରସାଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ‘ଅକ୍ସଫାମ’ର ଫିଲଡ ଅଫିସର ମମତା ପଟ୍ଟନାୟକ ମଧ୍ୟ ବକ୍ତବ୍ୟ ରଖିଥିଲେ। ‘ଉନ୍ନୟନ’ର ସଂପାଦିକା ରଶ୍ମି ମହାନ୍ତି ଜୁଲାଇ, ଅଗଷ୍ଟ ଓ ସେପ୍‌ଟେମ୍ବର ବନ୍ୟାରେ କ୍ଷତିଗ୍ରସ୍ତ ମୋଟ ୧୨ଟି ବ୍ଲକ୍ ଓ ମୟୂରଭଞ୍ଜ ଜିଲ୍ଲାର ୫ଟି ବ୍ଲକ୍‌ର ବିପନ୍ନ ଲୋକଙ୍କୁ ଯୋଗାଇଦିଆଯାଇଥିବା ସାହାଯ୍ୟ ସହଯୋଗ ସଂପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକ, ‘ସମ୍ବାଦ’ର ଉତ୍ତର ଓଡିଶା ସଂସ୍କରଣ ମୁଖ୍ୟ ଡିଜିଏମ ଅରବିନ୍ଦ ଦାସ, ବାଲିଆପାଳର ରାଜେନ୍ଦ୍ର ରଣା, ବସ୍ତାର ବ୍ରଜମୋହନ ମିଶ୍ର, ବାଲିଆପାଳର ପ୍ରଣବ ସାହୁ, ସ୍ୱେଚ୍ଛାସେବୀ ଦାମୋଦର ଦାସ, ବସ୍ତାର ଗୋପୀନାଥ ମହାନ୍ତି, ଜଳେଶ୍ୱରର ସୁକୁମାର ରଣା, ଇଡିଦା ସରପଞ୍ଚ ହରଗୋପାଳ ସିଂହ, ବସ୍ତାର ରାଜେନ୍ଦ୍ର କୁମାର ବିଶ୍ୱାଳ, ଜଳେଶ୍ୱରର ଅରୁଣ ବେଜ, ଜିଲ୍ଲା ପରିଷଦ ସଦସ୍ୟ ନିତ୍ୟାନନ୍ଦ ସାହୁ, ବସ୍ତାର ଗୋପୀନାଥ ମହାନ୍ତି, ଭୋଗରାଇର ସତ୍ୟବ୍ରତ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉନ୍ନୟନର ମୁଖ୍ୟ ସଂଯୋଜକ ଅନୁପ ବେହେରା, ସତ୍ୟବ୍ରତ ଦାସ, ଇନ୍ଦିରା ମହାନ୍ତି, ପ୍ରଶାନ୍ତ ସାହୁ, ସୁନୀଲ ଶାସମଲ, ସଂଦୀପ ଦାସ ପ୍ରମୁଖ କର୍ମଶାଳାର ଆୟୋଜନ ଓ ପରିଚାଳନା କରିଥିବା ବେଳେ ଚନ୍ଦନ ଦାସ, ସର୍ବେଶ୍ୱର ଭାବ, ନିତ୍ୟାନନ୍ଦ କବି, ଅମିତା ଦାସ, ମାନସୀ ଦାସ, ସୁବୋଧ ଗିରି, ବିଜୟ ଦାସ ପ୍ରମୁଖ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ‘ମା’ର କର୍ମକର୍ତ୍ତମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସୁବର୍ଣ୍ଣରେଖା ସୁରକ୍ଷା ସେନାର ଅନ୍ୟତମ ସଂଯୋଜକ ସଞ୍ଜୟ ପାତ୍ର ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଡା.ଅରୂପ ଅଭିଷେକ ଧନ୍ୟବାଦ ଅର୍ପଣ କରିଥିଲେ।